**କେନ୍ଦ୍ରୀୟ ଉତ୍ପାଦ  ଏବଂ ସୀମା ଶୁଳ୍କ ଆୟୁକ୍ତ,  ଔରଙ୍ଗାବାଦ୍**

**ବନାମ**

**ମେସର୍ସ ସିଆଟ୍ ଲିମିଟେଡ୍, ବମ୍ବେ**

ଫେବୃଆରୀ 17,2005

*[ଏସ୍. ଏନ୍. ଭାରିୟାଭା, ଡକ୍ଟର ଏ. ଆର୍. ଲକ୍ଷ୍ମଣନ୍ ଏବଂ ଏସ୍. ଏଚ୍. କପାଡିଆ, ନ୍ୟାୟମୂର୍ତ୍ତିବୃନ୍ଦ]*

*କେନ୍ଦ୍ରୀୟ ଉତ୍ପାଦ ଅଧିନିୟମ, 1944; ଧାରା 35L/କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଅଧିନିୟମ, 1985; ଶୁଳ୍କ ଶୀର୍ଷକ 59.02 ଏବଂ 59.06, ଅଧ୍ୟାୟ 59 ରେ ଥିବା ଅଧ୍ୟାୟ ଦ୍ରଷ୍ଟବ୍ୟ - 4 ଏବଂ ଅଧିନିୟମର ଧାରା XI ରେ ଥିବା ଦ୍ରଷ୍ଟବ୍ୟ - 4*

ବର୍ଗୀକରଣ- ଭିଜାଯାଇଥିବା ଟାୟାର କର୍ଡ ତନ୍ତୁ - ଶୁଳ୍କ ଶୀର୍ଷକ 59.02 କିମ୍ବା 59.06 ଅଧୀନରେ ଉତ୍ପାଦ ଶୁଳ୍କ ଲାଗୁ - ନିର୍ଣ୍ଣୟ ନିଆଗଲା : ସମ୍ପୃକ୍ତ ମାମଲା ଯଥା କେନ୍ଦ୍ରୀୟ ଉତ୍ପାଦ ଆୟୁକ୍ତ ବନାମ ଏମ୍ . ଆର୍ . ଏଫ୍ ଲିମିଟେଡ୍ ରେ ଥିବା  ଲିପିବଦ୍ଧ କାରଣକୁ ଦୃଷ୍ଟିରେ ରଖି , ଆବେଦନ ଗୁଡିକୁ ଆଇନ ଅନୁଯାୟୀ ନୂତନ ଫଇସଲା ପାଇଁ ରାଜସ୍ୱ ଆୟୁକ୍ତଙ୍କ ପାଖକୁ ବିଚାର ନିମିତ୍ତ ଫେରାଇ ଦିଆଗଲା ।

ଦେୱାନୀ ଆବେଦନ ଅଧିକାରିତା :  ଦେୱାନୀ ଆବେଦନ ସଂଖ୍ୟା 2015/2002 ।

ଆବେଦନ ସଂଖ୍ୟା C/433/2001-Mum in F.O. No. C- 1/3020 of 2001-WZB ତାରିଖ 9.10.2001 ବମ୍ବେ ସ୍ଥିତ ପଶ୍ଚିମ ଅଞ୍ଚଳର କେନ୍ଦ୍ରୀୟ ଉତ୍ପାଦ , ସୀମା ଶୁଳ୍କ , ସୁନା (ନିୟନ୍ତ୍ରଣ) ନ୍ୟାୟାଧିକରଣଙ୍କର ରାୟ ଏବଂ ଆଦେଶରୁ ଏବଂ ଦେୱାନୀ ଆବେଦନ ସଂଖ୍ୟା 1612/2003 ରେ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀଙ୍କ ତରଫରୁ ଅତିରିକ୍ତ ସଲିସିଟର ଜେନେରାଲ ଆର୍. ମୋହନ, ରାଜୀବ ଦତ୍ତ, ହେମନ୍ତ ଶର୍ମା,  ପି. ପରମେଶ୍ୱରମ  ଏବଂ ବି. କୃଷ୍ଣ ପ୍ରସାଦ ।

ଉତ୍ତରଦାତାଙ୍କ ତରଫରୁ ରବିନ୍ଦର ନାରେନ୍, ସୋନୁ ଭଟନାଗର, ଅଜୟ ଅଗ୍ରୱାଲ ଏବଂ ରାଜନ ନାରେନ୍ ।

ନ୍ୟାୟମୂର୍ତ୍ତି କପାଡ଼ିଆଙ୍କ ଦ୍ୱାରା ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା ।

କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଆୟୁକ୍ତ ବନାମ ଏମ୍. ଆର୍. ଏଫ୍. ଲିମିଟେଡ୍, (2005) 1 Scale 554 ମାମଲାରେ ଆମ ଦ୍ୱାରା ଦିଆଯାଇଥିବା କାରଣ ପାଇଁ, ଭିଜାଯାଇଥିବା ଟାୟାର କର୍ଡ ତନ୍ତୁ ସମ୍ବନ୍ଧୀୟ ବିଭାଗ ଦ୍ୱାରା ଦାଖଲ ହୋଇଥିବା ଏହି ଉଭୟ ଦେୱାନୀ ଆବେଦନକୁ ଅନୁମତି ଦିଆଗଲା; ନ୍ୟାୟାଧିକରଣ ଏବଂ ଆୟୁକ୍ତଙ୍କ ଦ୍ୱାରା ଦିଆଯାଇଥିବା ଆକ୍ଷେପିତ ରାୟ ଏବଂ ଆଦେଶକୁ ରଦ୍ଦ କରିଦିଆଗଲା; ଏବଂ ଏହି ଆବେଦନଗୁଡିକୁ ଆଇନ ଅନୁଯାୟୀ ନୂତନ ଫଇସଲା ପାଇଁ ବମ୍ବେ ସ୍ଥିତ ଆୟୁକ୍ତଙ୍କ ପାଖକୁ ବିଚାର ନିମିତ୍ତ ଫେରାଇ ଦିଆଗଲା ।

ଉଭୟ ପକ୍ଷର ସମସ୍ତ ଯୁକ୍ତିକୁ ଉନ୍ମୁକ୍ତ ରଖାଗଲା ।

ଏହି ମାମଲାର ତଥ୍ୟ ଏବଂ ପରିସ୍ଥିତିରେ, ଏଠାରେ ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

ଏସ୍. କେ. ଏସ୍. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।